**NEW PAPER:** sambad

**DATE:** 20.09.2018

**PAGE:** 11

SAMBAD
ସମ୍ବାଦ

# ଏଏସ୍‌ବିଏମ୍‌କୁ ଶ୍ରେଷ୍ଠ ବି-ସ୍କୁଲ ମାନ୍ୟତା

ଭୁବନେଶ୍ୱର, ୧୯/୯ (ଇମିସ): ଇଂଜିନିୟର୍ସ ଡେ ପାଳନ ଅବସରରେ ଏସିଆନ୍ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)କୁ ଏଭରଗ୍ରିନ୍ ଫୋରମ୍ ଆନୁକୂଲ୍ୟରେ ଓଡ଼ିଶା ଟେକ୍‌ନୋଲୋଜି କନ୍‌କ୍ଲେଭ ତରଫରୁ ଶ୍ରେଷ୍ଠ ବି-ସ୍କୁଲର ମାନ୍ୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ଭିତ୍ତିଭୂମି, ଉନ୍ନତମାନର ଶିକ୍ଷା ପଦ୍ଧତି, ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକା, ଉଚ୍ଚତର ଗବେଷଣା ଏବଂ ଗୁଣବତ୍ତା ପାଇଁ ଏହି ମାନ୍ୟତା ମିଳିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ।

ଏହି ଅନୁଷ୍ଠାନଟି ରାଜ୍ୟର ଏକମାତ୍ର ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଭାବେ ଆନ୍ତର୍ଜାତିକ ଆକ୍ରିଡିଟେସନ୍ ପାଇଛି। କ୍ରମାଗତ ଭାବେ ଶ୍ରେଷ୍ଠ ବି-ସ୍କୁଲ ଭାବେ ମାତ୍ୟତା ପାଇ ଆସୁଥିବା ଏଏସ୍‌ବିଏମ୍‌କୁ ନିକଟରେ ବିଜନେସ୍ ଇଣ୍ଡିଆ ଜାତୀୟ ବି-ସ୍କୁଲ ସର୍ଭେରେ ଏ+++ ମାନ୍ୟତା ମିଳିଛି।